ସମଗ୍ର ଶିକ୍ଷା
Samagra Shiksha

# ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷା ସୌଧ,ୟୁନିଟ୍-୫ ଭୁବନେଶ୍ୱର-୭୫୧୦୦୧

ଶ୍ରୀମତୀ ଅନନ୍ୟା ଦାସ, ଭା.ପ୍ର.ସେ.
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ପତ୍ର ସଂଖ୍ୟା : 6597 ତାରିଖ : 21.06.2025

ପ୍ରାପ୍ତେଷୁ

ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ର ଶିକ୍ଷା, ଓଡିଶା.

ବିଷୟ : ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ ମାନଙ୍କୁ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ମାଗଣା ପୋଷାକ ବିତରଣ ସମ୍ବନ୍ଧରେ ।

ମହାଶୟା / ମହାଶୟ,

ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣମାନଙ୍କୁ ଜଣାଇ ଦେବା ପାଇଁ ଚାହୁଁଛି ଯେ, ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ଚଳିତ ଶିକ୍ଷା ବର୍ଷ (୨୦୨୫ -୨୦୨୬ ) ରେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀମାନଙ୍କୁ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ଜଣପିଛା ଟ. ୫୦୦/- ମୂଲ୍ୟରେ ୨ ଯୋଡ଼ା ବିଦ୍ୟାଳୟ ପୋଷାକ ସମଗ୍ର ଶିକ୍ଷା /ପି. ଏମ. ଶ୍ରୀ / ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ବଣ୍ଟନ କରାଯିବ ।

ଏହି ସମ୍ପର୍କିତ ମାର୍ଗଦର୍ଶିକା (Guideline) ସଂଲଗ୍ନକ –"କ" ରେ ଜିଲ୍ଲା ମାନଙ୍କର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଲଗ୍ନ କରାଗଲା । ଏଥି ସହିତ ସମସ୍ତ ଜିଲ୍ଲାମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପରଲିଖିତ ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ବଣ୍ଟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବେ ।

ଆପଣଙ୍କ ବିଶ୍ୱସ୍ତ

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା 6598 / ତାରିଖ 21.06.2025

ଏହାର ଏକକିତା ନକଲ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (BEO) ମାନଙ୍କର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ଏହି ମାର୍ଗଦର୍ଶିକା CRCC ମାନଙ୍କ ମାଧ୍ୟମରେ ସମସ୍ତ ବିଦ୍ୟାଳୟମାନଙ୍କୁ ପ୍ରେରଣ କରିବେ ଏବଂ ଜୁଲାଇ ୧୫ ତାରିଖ ୨୦୨୫ ସୁଦ୍ଧା ପୋଷାକ ବଣ୍ଟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବେ ।

ଅନିନ୍ଦିତା ମିଶ୍ର

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା 6599 / ତାରିଖ 21.06.2025

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସମଗ୍ର ଶିକ୍ଷାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅନିନ୍ଦିତା ମିଶ୍ର

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା 6600 / ତାରିଖ 21.06.2025

ଏହାର ଏକକିତା ନକଲ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅନିନ୍ଦିତା ମିଶ୍ର

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା 6601 / ତାରିଖ 21.06.2025

ଏହାର ଏକକିତା ନକଲ ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର/ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅନିନ୍ଦିତା ମିଶ୍ର

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା 6602 / ତାରିଖ 21.06.2025

ଏହାର ଏକକିତା ନକଲ ବରିଷ୍ଠ ବ୍ୟକ୍ତିଗତ ସହାୟକ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ କମିଶନର ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଅନିନ୍ଦିତା ମିଶ୍ର

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ସଂଲଗ୍ନକ - 'କ'

## ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ପୋଷାକ ବିତରଣ ସମ୍ବନ୍ଧରେ ମାର୍ଗଦର୍ଶିକା

ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ଚଳିତ ଶିକ୍ଷାବର୍ଷ (୨୦୨୫ -୨୦୨୬ ) ନିମନ୍ତେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଛାତ୍ରଛାତ୍ରୀ ମାନଙ୍କୁ ଜଣପିଛା ୫୦୦/- ଟଙ୍କା ମୂଲ୍ୟରେ ୨ ହଳ ବିଦ୍ୟାଳୟ ପୋଷାକ ବଣ୍ଟନ କରାଯିବ ।

ଏହି ବାବଦରେ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ କ୍ଷେତ୍ରରେ (ସମସ୍ତ ଛାତ୍ରୀ, ଅନୁସୂଚିତ ଜାତିର ବାଳକ, ଅନୁସୂଚିତ ଜନଜାତିର ବାଳକ ତଥା BPL ବର୍ଗର ବାଳକ) ସମୁଦାୟ ୫୦୦ ଟଙ୍କା "ସମଗ୍ର ଶିକ୍ଷା"/PM SHRI (PM SHRI ବିଦ୍ୟାଳୟ କ୍ଷେତ୍ରରେ) ଯୋଜନାରୁ ଭରଣା କରାଯିବ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କ କ୍ଷେତ୍ରରେ (ସମସ୍ତ ଛାତ୍ରଛାତ୍ରୀ) ଓ ସରକାରୀ ବିଦ୍ୟାଳୟ କ୍ଷେତ୍ରରେ (APL ବର୍ଗର ସମସ୍ତ ଛାତ୍ର ) ସମୁଦାୟ ୫୦୦/- ଟଙ୍କା ରାଜ୍ୟ ସରକାରଙ୍କର ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଭରଣା କରାଯିବ ।

ଏଥିପାଇଁ ନିମ୍ନରେ ପୋଷାକ ବିତରଣ ସଂପର୍କରେ ଯେଉଁ କେତୋଟି ବିଷୟ ଉଲ୍ଲେଖ କରାଯାଇଛି ସେସବୁ ସଠିକ୍ ଭାବେ ପାଳନ କରାଯିବ ।

୧. ପୂର୍ବବର୍ଷ ପରି ଚଳିତ ବର୍ଷ ମଧ୍ୟ ସମସ୍ତ ଛାତ୍ରମାନଙ୍କୁ ଦୁଇହଳ ନିର୍ଦ୍ଦିଷ୍ଟ ରଙ୍ଗର ପ୍ୟାଣ୍ଟ ଓ ଧଳା ସାର୍ଟ ଏବଂ ପ୍ରଥମରୁ ପଞ୍ଚମ ଶ୍ରେଣୀର ଛାତ୍ରୀମାନଙ୍କୁ ଦୁଇହଳ ଫ୍ରକ (ଝାଲେରୀ ସହିତ )ଏବଂ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରୀମାନଙ୍କୁ ଦୁଇ ହଳ ସାଲୱାର କମିଜ ଓ ଓଢଣୀ ଦିଆଯିବ ।

୨. ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ଅର୍ଥାତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଉପରଲିଖିତ ଉପକରଣ ବାବଦରେ ଉଦ୍ଦିଷ୍ଟ ଅର୍ଥ ସେହି ସବୁ ବିଦ୍ୟାଳୟକୁ ପ୍ରଦାନ କରାଯାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପୋଷାକ ବିତରଣ କରାଯିବ ଓ ପୋଷାକ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କର ସଠିକ ମାପ ହିସାବରେ ଦିଆଯିବ ।

୩. ପୋଷକର ରଙ୍ଗ ଓ ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯିବ ।

୪. ପୋଷାକ ବଣ୍ଟନ ସମୟରେ ସଠିକ ଭାବେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ନାମ ଶ୍ରେଣୀ ଖାତା ଖାତାରେ ଲିପିବଦ୍ଧ କରାଯାଇ ସେମାନଙ୍କର ଦସ୍ତଖତ ନିଆଯିବ ।

୫. ପୋଷାକ ବଣ୍ଟନ ପ୍ରକ୍ରିୟା ଜୁଲାଇ ୧୫ ତାରିଖ ୨୦୨୫ ସୁଦ୍ଧା ସୁନିଶ୍ଚିତ କରାଯିବ ।

୬. ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି (ଶିକ୍ଷାବିତ୍ / ବିଶିଷ୍ଟ ବ୍ୟକ୍ତି / ସମାଜସେବୀ ) ଙ୍କ ଉପସ୍ଥିତିରେ ପୋଷାକ ବଣ୍ଟନ କରାଯିବ ଏବଂ ଏ ସମ୍ପର୍କିତ ଫଟୋ ଉତ୍ତୋଳନ କରାଯାଇ ସଂପୂର୍ଣ୍ଣ ବିବରଣୀ ରଖାଯିବ ।

୭. ଚଳିତବର୍ଷ ଉପଯୁକ୍ତ ପ୍ରକ୍ରିୟାରେ ଚୟନ କରାଯାଇଥିବା Tailoring Unit ଥିବା SHG ତଥା Garment Manufacturing Unit ଥିବା MSE ମାନଙ୍କ ଠାରୁ ପୋଷାକ କ୍ରୟ କରାଯାଇ ବିଦ୍ୟାଳୟ ମାନଙ୍କରେ ପୋଷାକ ବଣ୍ଟନ କରାଯିବ । ଯଦି କୌଣସି କ୍ଷେତ୍ରରେ Tailoring Unit ଥିବା SHG ତଥା Garment Manufacturing Unit ଥିବା MSE ବିଦ୍ୟାଳୟ ମାନଙ୍କରେ ପୋଷାକ ଯୋଗାଣ କରିବାକୁ ରାଜି ନ ହୁଅନ୍ତି ତେବେ ସେ ସବୁ ବିଦ୍ୟାଳୟ ମାନଙ୍କରେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ SMC ପୋଷାକ କ୍ରୟ କରି ବାଣ୍ଟି ପାରିବେ ।

୮. Tailoring Unit ଥିବା SHG ତଥା Garment Manufacturing Unit ଥିବା MSE କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୧୫୪୩୭ /SME ତା. ୨୭.୦୬.୨୦୨୩ ରେ ଉଲ୍ଲେଖ କରାଯାଇଥିବା ନିୟମ ଅନୁସାରେ ଚୟନ କରାଯାଇ ସେମାନଙ୍କ ଠାରୁ ପୋଷାକ କ୍ରୟ କରି ବିଦ୍ୟାଳୟମାନଙ୍କରେ ବଣ୍ଟନ କରାଯିବ । ସମସ୍ତ ଜିଲ୍ଲାର ଅବଗତି ତଥା ବିହିତ କାର୍ଯ୍ୟ । ନୁଷ୍ଠାନ ନିମନ୍ତେ ଉପରୋକ୍ତ ପତ୍ର ସଂଲଗ୍ନ କରାଗଲା ଯାହାକି ଜିଲ୍ଲାମାନଙ୍କୁ ଆଗରୁ ପ୍ରେରଣ କରାଯାଇଅଛି ।

ବି. ଦ୍ର.

ଚଳିତ ବର୍ଷ ଯେଉଁ Tailoring Unit ଥିବା SHG ତଥା Garment Manufacturing Unit ଥିବା MSE ମାନଙ୍କୁ ଉପଯୁକ୍ତ ପ୍ରକ୍ରିୟାରେ ବିଦ୍ୟାଳୟ ମାନଙ୍କରେ ପୋଷାକ ଯୋଗାଣ ନିମନ୍ତେ ଚୟନ କରାଯିବ, ସେ ସମସ୍ତ SHG ତଥା MSE ମାନଙ୍କର ବୈଧତା ୨ ବର୍ଷ ପାଇଁ (୨୦୨୫-୨୬ ଓ ୨୦୨୬-୨୭) ବଳବତ୍ତର ରହିବ ଓ ସେମାନେ ସମ୍ପୃକ୍ତ ବିଦ୍ୟାଳୟ ମାନଙ୍କରେ ଉକ୍ତ ୨ ବର୍ଷ ମଧ୍ୟରେ ଆବଶ୍ୟକତା ଅନୁଯାୟୀ ପୋଷାକ ଯୋଗାଣ କରିପାରିବେ । ଏହି ସମ୍ପର୍କିତ ନିୟମରେ କୌଣସି ପରିବର୍ତ୍ତନ ହେଲେ ତାହା ସ୍ୱତନ୍ତ୍ର ଭାବରେ ଜିଲ୍ଲାମାନଙ୍କୁ ଜଣାଇ ଦିଆଯିବ ।

୯. <u>SMC ଦ୍ୱାରା ପୋଷାକ ବଣ୍ଟନ କ୍ଷେତ୍ରରେ ନିମ୍ନ ପ୍ରଦତ୍ତ ନିୟମାବଳୀ ପାଳନ କରାଯିବ ।</u>

କ . ୨୫୦୦୦ ଟଙ୍କା ବା ତା ଠାରୁ କମ୍ ମୂଲ୍ୟର ପୋଷାକ ରାଶି ଜମା ହୋଇଥିବା ବିଦ୍ୟାଳୟ କ୍ଷେତ୍ରରେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ ସ୍ଥାନୀୟ ବଜାରକୁ ଯାଇ ନିର୍ଦ୍ଧାରିତ ମୂଲ୍ୟରେ ସଠିକ ଗୁଣବତ୍ତା ବିଶିଷ୍ଟ ପୋଷାକ ବିକ୍ରୟ କରୁଥିବା ଏବଂ ଦ୍ରବ୍ୟ ଓ ସେବାକର ପଞ୍ଜିକୃତ (GST Registered) ଦୋକାନୀ / ବିତରକଙ୍କ ସନ୍ଧାନ କରିବେ । ସ୍କୁଲ ପରିଚାଳନା କମିଟି ଅଧିବେଶନରେ ପ୍ରୋକ୍ତ ଦୋକାନୀ / ବିତରକଙ୍କ ନାମ ପ୍ରସ୍ତାବ ଦେବେ । ସଦସ୍ୟଙ୍କ ଅନୁମୋଦନ କ୍ରମେ ସଠିକ ମୂଲ୍ୟରେ ଉପଯୁକ୍ତ ଗୁଣବତ୍ତା ବିଶିଷ୍ଟ ପୋଷାକ ଯୋଗାଇଦେବା ପାଇଁ ଦୋକାନୀ / ବିତରକଙ୍କ ସହ ଚୁକ୍ତି କରି କ୍ରୟ ଆଦେଶ ଦିଆଯିବ ଏବଂ ପୋଷାକ କ୍ରୟ କରି ବଣ୍ଟନ କରାଯିବ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ବିଦ୍ୟାଳୟର ରେକର୍ଡ ଖାତାରେ ଲିପିବଦ୍ଧ କରାଯିବ ।

ଖ . ୨୫୦୦୦ ଟଙ୍କା ରୁ ଅଧିକ ମୂଲ୍ୟର ପୋଷାକ ରାଶି ଜମା ହୋଇଥିବା ବିଦ୍ୟାଳୟ କ୍ଷେତ୍ରରେ ଉକ୍ତ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟି ଖୋଲା ବଜାରରୁ ପୋଷାକ କିଣିବା ସକାଶେ ୩ ଗୋଟି ଭିନ୍ନ ଭିନ୍ନ ଦ୍ରବ୍ୟ ଓ ସେବାକର ପଞ୍ଜିକୃତ (GST Registered) ବିତରକ/ଦୋକାନୀଙ୍କ ଠାରୁ ତିନୋଟି କୋଟେସନ ସଂଗ୍ରହ କରିବେ । ସ୍କୁଲ ପରିଚାଳନା କମିଟି ଅଧିବେଶନରେ ଉକ୍ତ କୋଟେସନ ଯାଞ୍ଚ କରାଯିବ ଏବଂ ସବୁଠାରୁ କମ ମୂଲ୍ୟର କୋଟେସନକୁ ବୈଠକରେ

ଅନୁମୋଦନ କରାଯିବ । ସେହି ଅନୁମୋଦିତ ସଂସ୍ଥା ସହିତ ପୋଷାକ ବିତରଣ ପାଇଁ ଚୁକ୍ତି କରାଯିବ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ବିଦ୍ୟାଳୟ ରେକର୍ଡ ଖାତାରେ ଲିପିବଦ୍ଧ କରାଯିବ ।

ଗ. ନିର୍ଦ୍ଧାରିତ ସମୟ ମଧ୍ୟରେ ଉତ୍ତମ ମାନର ପୋଷାକ ଯୋଗାଣ ପାଇଁ ଉକ୍ତ ଦୋକାନୀ / ବିତରକଙ୍କ ଠାରୁ ଏକ ସ୍ୱୀକୃତି ପତ୍ର ରଖାଯିବ । ଚୁକ୍ତି ଅନୁସାରେ ପୋଷାକ ବିତରଣ ନ କଲେ ସେଥିପାଇଁ ବିତରକ ସଂସ୍ଥା ବିରୁଦ୍ଧରେ କେଉଁ ପଦକ୍ଷେପ ନିଆଯିବ, ସେ ବାବଦରେ SMC ବୈଠକରେ ମଧ୍ୟ ନିଷ୍ପତ୍ତି ନିଆଯିବ ।

ଘ. ସଠିକ ମାନର ପୋଷାକ ବିତରଣ ପରେ ବିତରକଙ୍କୁ ଉଭୟ କ୍ଷେତ୍ରରେ (ଉଭୟ ୨୫୦୦୦ ଟଙ୍କା ବା ତା ଠାରୁ କମ୍ ଏବଂ ୨୫୦୦୦ ଟଙ୍କା ରୁ ଅଧିକ) ବ୍ୟାଙ୍କ ମାଧ୍ୟମରେ ଦେୟ ପ୍ରଦାନ କରାଯିବ । କୌଣସି ପରିସ୍ଥିତିରେ ଓ କୌଣସି କ୍ଷେତ୍ରରେ ମଧ୍ୟ ନଗଦ ଅର୍ଥ ମାଧ୍ୟମରେ ଦେୟ ପ୍ରଦାନ କରାଯିବ ନାହିଁ । ଉପରୋକ୍ତ ସମସ୍ତ ପ୍ରକ୍ରିୟା CRCC ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହେବ । ଆବଶ୍ୟକ ସ୍ଥଳେ Block Accountant-cum-Support staff ଙ୍କ ସହାୟତା ନିଆଯିବ ।

୧୦. ବିଦ୍ୟାଳୟ ପରିଚାଳନା କମିଟିର ଆକାଉଣ୍ଟକୁ ପୋଷାକ ବଣ୍ଟନ ବାବଦକୁ ଅର୍ଥ ଯୋଗାଇ ଦିଆଯିବ । ଏହି ଅର୍ଥକୁ ପୋଷାକ ବିତରଣ ପରେ ପୋଷାକ ଯୋଗାଣକାରୀ ଦୋକାନୀ ତଥା ସଂସ୍ଥାର ବ୍ୟାଙ୍କ ଖାତାକୁ SMC ଦେୟ ଆକାରରେ ପ୍ରଦାନ କରିବେ । କୌଣସି ପରିସ୍ଥିତିରେ ନଗଦ ଅର୍ଥ ମାଧ୍ୟମରେ ଦେୟ ପ୍ରଦାନ କରାଯିବ ନାହିଁ ।

୧୧. ଉପଯୁକ୍ତ ପ୍ରକ୍ରିୟାରେ ଚୟନ କରାଯାଇଥିବା Tailoring Unit ଥିବା SHG ତଥା Garment Manufacturing Unit ଥିବା MSE ଏବଂ SMC ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଉତ୍ତମ ମାନର ପୋଷାକ ବଣ୍ଟନ କରିବେ ।

୧୨. ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ (DEO-Cum-DPC), ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ ସଂଯୋଜକ ଓ ସଂଯୋଜିକା, ଗୋଷ୍ଠୀ ଶିକ୍ଷାଧିକାରୀ (BEO), ସହଗୋଷ୍ଠୀ ଶିକ୍ଷାଧିକାରୀ (ABEO), ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ (ABEO-CUM-BRCC), କ୍ଲଷ୍ଟରସାଧନ କେନ୍ଦ୍ର ସଂଯୋଜକ (CRCC) ଓ ତଦାରଖ ସଦସ୍ୟ (Monitoring Member) ଏହି ପୋଷାକ ବିତରଣ ପ୍ରକ୍ରିୟାକୁ ତଦାରଖ କରିବେ ଏବଂ ଏହାର ସ୍ୱଚ୍ଛତା ଓ ଗୁଣବତ୍ତା ସୁନିଶ୍ଚିତ କରିବେ ।

୧୩. ବିଦ୍ୟାଳୟର ପ୍ରଧାନଶିକ୍ଷକ ତାଙ୍କ ପାଖରେ ଗୋଟିଏ ହଳ ପୋଷାକ ନମୁନା ଭାବେ ରଖିବେ । ଆବଶ୍ୟକ ହେଲେ ସେ ତଦାରଖକାରୀଙ୍କୁ ଏହି ନମୁନା ଦେଖାଇପାରିବେ ।

୧୪. ପ୍ରତି ବିଦ୍ୟାଳୟର ପ୍ରଧାନଶିକ୍ଷକ ମାର୍ଗଦର୍ଶିକା ଅନୁସାରେ ସମସ୍ତ ପିଲା ଉତ୍ତମ ମାନର ପୋଷାକ ପାଇଛନ୍ତି ବୋଲି ଏକ ପ୍ରମାଣପତ୍ର (Certificate)ଦେବେ । ଠିକ୍ ସେହିପରି ପ୍ରଧାନଶିକ୍ଷକଙ୍କ ପ୍ରମାଣପତ୍ର କୁ ଆଧାରକରି ପ୍ରତି ବ୍ଲକ୍ ଶିକ୍ଷାଧିକାରୀ ଏକ ସାର୍ଟିଫିକେଟ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଦେବେ । ତଦନୁଯାୟୀ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମାର୍ଗଦର୍ଶିକା ଅନୁସାରେ ଛାତ୍ରଛାତ୍ରୀ ମାନେ ଉତ୍ତମ ମାନର ପୋଷାକ ପାଇଛନ୍ତି ବୋଲି ଏକ ସାର୍ଟିଫିକେଟ ରାଜ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

୧୫. ପ୍ରତି ୭ ଦିନ ଅନ୍ତରରେ ପୋଷାକ ବିତରଣ ସମ୍ବନ୍ଧୀୟ ସୂଚନା ସରକାରଙ୍କର ହସ୍ତଗତ ହେବ । ଏଥିପାଇଁ ଜିଲ୍ଲା ସ୍ତରରେ DEO-Cum-DPC ତଥ୍ୟ ସଂଗ୍ରହ କରି ରାଜ୍ୟ ପ୍ରକଳ୍ପ କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

୧୬. ଅନୁମୋଦିତ ବଜେଟ ରାଶି ମଧ୍ୟରେ ପୋଷାକ ବଣ୍ଟନ ସୁନିଶ୍ଚିତ କରାଯିବ ।

ଉପରୋକ୍ତ ନିୟମକୁ ଭିତ୍ତିକରି ସ୍ୱଚ୍ଛ ପଦ୍ଧତିରେ ପୋଷାକ ବଣ୍ଟନ କରାଯିବ । ନିମ୍ନମାନର ପୋଷାକ ବଣ୍ଟନ ବା ଅସାଧୁ ଉପାୟ ଅବଲମ୍ବନ କରାଯାଉଥିବାର ନଜରକୁ ଆସିଲେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା
ଓସେପା

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

# ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

ଶିକ୍ଷା ସୌଧ,ୟୁନିଟ୍-୫ ଭୁବନେଶ୍ୱର-୭୫୧୦୦୧

ଶ୍ରୀମତୀ ସଙ୍ଗୀତା ବେହେରା, ଓ. ପ୍ର. ସେ (ଏସ୍.ଏ. ଜି )
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ପତ୍ର ସଂଖ୍ୟା : ୭୮୭୯　　　　ତାରିଖ : ୨୭.୦୭.୨୦୨୫

ପ୍ରେଷୁ

ସମସ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ
ସମଗ୍ରଶିକ୍ଷା, ଓଡିଶା.

ବିଷୟ : ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ ମାନଙ୍କୁ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଜୋତା ଆଦି ଉପକରଣ ବିତରଣ ସମ୍ବନ୍ଧରେ ।

ମହାଶୟା / ମହାଶୟ,

ଉପରୋକ୍ତ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ଆପଣମାନଙ୍କୁ ଜଣାଇ ଦେବା ପାଇଁ ଚାହୁଁଛି ଯେ, ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ଚଳିତ ଶିକ୍ଷାବର୍ଷ (୨୦୨୫ -୨୦୨୬ ) ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର ଛାତ୍ରଛାତ୍ରୀ ମାନଙ୍କୁ **(ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ)** ଜଣପିଛା ଟ. ୫୦୦/- ମୂଲ୍ୟରେ ୧ ହଳ ଜୋତା ଓ ୨ ହଳ ମୋଜା, ଗୋଟିଏ ଟି –ସାର୍ଟ, ଗୋଟିଏ ଟ୍ରାକ ପ୍ୟାଣ୍ଟ, ଗୋଟିଏ ଟୋପି (ବ୍ରାଣ୍ଡିଂ ସହିତ) ଓ ଗୋଟିଏ ପରିଚୟ ପତ୍ର ସମଗ୍ର ଶିକ୍ଷା /ପି. ଏମ. ଶ୍ରୀ / ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ବଣ୍ଟନ କରାଯିବ ।

ଏହି ସମ୍ପର୍କିତ ମାର୍ଗଦର୍ଶିକା (Guideline) ସଂଲଗ୍ନକ "ଖ" (ସଂଲଗ୍ନକ "କ" ରେ ବିଦ୍ୟାଳୟ ପୋଷାକ ବଣ୍ଟନ ସମ୍ପର୍କିତ ମାର୍ଗଦର୍ଶିକା ଓସେପା ପତ୍ର ସଂଖ୍ୟା ୬୫୯୭ ତା. ୨୧.୦୬.୨୦୨୫ ରେ ସମସ୍ତ ଜିଲ୍ଲା ମାନଙ୍କୁ ପ୍ରେରଣ କରାଯାଇଛି) ରେ ଜିଲ୍ଲା ମାନଙ୍କର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଲଗ୍ନ କରାଗଲା । ଏଥି ସହିତ ସମସ୍ତ ଜିଲ୍ଲା ମାନଙ୍କୁ ଅନୁରୋଧ କରାଯାଉଅଛି କି ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉପର ଲିଖିତ ସମସ୍ତ ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନଙ୍କୁ ଜୋତା ଆଦି ଉପକରଣ ବଣ୍ଟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବେ ।

ଆପଣଙ୍କ ବିଶ୍ୱସ୍ତ
(ସ୍ୱାକ୍ଷର)
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା ୨୮୭୩ / ତାରିଖ ୨୨.୦୭.୨୦୨୫

ଏହା ର ଏକକିତା ନକଲ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (BEO) ମାନଙ୍କର ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ଏହି ମାର୍ଗ ଦର୍ଶିକା CRCC ମାନଙ୍କ ମାଧ୍ୟମରେ ସମସ୍ତ ଶିକ୍ଷକ /ଶିକ୍ଷୟିତ୍ରୀ ଙ୍କୁ ପ୍ରେରଣ କରିବେ ଏବଂ ଜୁଲାଇ ୧୫ ତାରିଖ ୨୦୨୫ ସୁଦ୍ଧା ଜୋତା ଆଦି ଉପକରଣ ବଣ୍ଟନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବେ ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା ୨୮୭୬ / ତାରିଖ ୨୨.୦୭.୨୦୨୫

ଏହାର ଏକକିତା ନକଲ ରାଜ୍ୟର ସମସ୍ତ ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ, ଜିଲ୍ଲା ସମଗ୍ର ଶିକ୍ଷାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା ୨୮୭୪ / ତାରିଖ ୨୨.୦୭.୨୦୨୫

ଏହାର ଏକକିତା ନକଲ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା ୨୮୭୫ / ତାରିଖ ୨୨.୦୭.୨୦୨୫

ଏହାର ଏକକିତା ନକଲ ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱର / ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ଜ୍ଞାପକ ସଂଖ୍ୟା ୨୮୭୭ / ତାରିଖ ୨୨.୦୭.୨୦୨୫

ଏହାର ଏକକିତା ନକଲ ବରିଷ୍ଠ ବ୍ୟକ୍ତିଗତ ସହାୟକ, କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କୁ, କମିଶନର ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା

ସଂଲଗ୍ନକ – 'ଖ'

**ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଜୋତା, ମୋଜା, ଟି –ସାର୍ଟ, ଟ୍ରାକ ପ୍ୟାଣ୍ଟ , ଟୋପି ଓ ପରିଚୟ ପତ୍ର ବିତରଣ ସମ୍ବନ୍ଧରେ ମାର୍ଗଦର୍ଶିକା**

ରାଜ୍ୟ ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ଚଳିତ ଶିକ୍ଷାବର୍ଷ (୨୦୨୫ -୨୦୨୬ ) ନିମନ୍ତେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟ ଗୁଡିକର (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ଛାତ୍ରଛାତ୍ରୀ ମାନଙ୍କୁ ଜଣପିଛା ୨୦୦/- ଟଙ୍କା ମୂଲ୍ୟରେ ୧ ହଳ ଜୋତା ଓ ୨ ହଳ ମୋଜା, ୧୨୫/- ଟଙ୍କା ମୂଲ୍ୟରେ ଗୋଟିଏ ଟି –ସାର୍ଟ ଓ ୧୨୫/- ଟଙ୍କା ମୂଲ୍ୟରେ ଗୋଟିଏ ଟ୍ରାକ ପ୍ୟାଣ୍ଟ, ୩୦/- ଟଙ୍କା ମୂଲ୍ୟରେ ଗୋଟିଏ ଟୋପି (ବ୍ରାଣ୍ଡିଂ ସହିତ) ଓ ୨୦/- ଟଙ୍କା ମୂଲ୍ୟରେ ଗୋଟିଏ ପରିଚୟ ପତ୍ର (ସମୁଦାୟ ୫୦୦/- ଟଙ୍କାରେ) ବଣ୍ଟନ କରାଯିବ ।

- ସରକାରୀ ବିଦ୍ୟାଳୟ ମାନଙ୍କରେ ଅଧ୍ୟୟନରତ ସମସ୍ତ ଛାତ୍ରୀ ତଥା ଅନୁସୂଚିତ ଜାତି ଓ ଜନଜାତି ଓ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ସମସ୍ତ ବାଳକ ମାନଙ୍କ କ୍ଷେତ୍ରରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ) ସମୁଦାୟ ୫୦୦ ଟଙ୍କା ମଧ୍ୟରୁ ଟ ୧୦୦/- "ସମଗ୍ର ଶିକ୍ଷା"/ PM SHRI (PM SHRI ବିଦ୍ୟାଳୟ କ୍ଷେତ୍ରରେ) ଯୋଜନାରୁ ଭରଣା କରାଯିବ ଏବଂ ବଳକା ଟ ୪୦୦/- ରାଜ୍ୟ ସରକାରଙ୍କର ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଭରଣା କରାଯିବ ।
- ସରକାରୀ ବିଦ୍ୟାଳୟ ମାନଙ୍କରେ ଅଧ୍ୟୟନରତ ଓ ଦାରିଦ୍ର୍ୟ ସୀମାରେଖା ଉପରେ ଥିବା ସମସ୍ତ ବାଳକ ତଥା ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କ କ୍ଷେତ୍ରରେ (ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ) ସମୁଦାୟ ୫୦୦ ଟଙ୍କା ରାଜ୍ୟ ସରକାରଙ୍କର ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଭରଣା କରାଯିବ ।

ଏଥିପାଇଁ ନିମ୍ନରେ ଜୋତା ଓ ଉପରଲିଖିତ ଉପକରଣ ବିତରଣ ସଂପର୍କରେ ଯେଉଁ କେତୋଟି ବିଷୟ ଉଲ୍ଲେଖ କରାଯାଇଛି ସେସବୁ ସଠିକ୍ ଭାବେ ପାଳନ କରାଯିବ ।

୧. ଛାତ୍ରଛାତ୍ରୀମାନଙ୍କୁ ଏକ ହଳ କଳାରଙ୍ଗର ଜୋତା ଓ ଦୁଇ ହଳ ଧଳା ରଙ୍ଗର ମୋଜା ବଣ୍ଟନ କରାଯିବ ।

୨. ହାଉସ ସିଷ୍ଟମ (House System) ପରିପାଟୀ – ୧୦୦ ଜଣରୁ କମ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଦୁଇଗୋଟି ହାଉସ ଗଠନ କରାଯିବ ଏବଂ ଚାରୋଟି ରଙ୍ଗର ଟି- ସାର୍ଟ ମଧ୍ୟରୁ ଯେ କୌଣସି ଦୁଇଟି ରଙ୍ଗର ଟି- ସାର୍ଟ ଚୟନ କରାଯାଇ ବଣ୍ଟନ କରାଯିବ । ୧୦୦ ଜଣରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଚାରିଗୋଟି ହାଉସ ଗଠନ କରାଯିବ ଏବଂ ଚାରୋଟି ରଙ୍ଗର ଟି- ସାର୍ଟ ଚୟନ କରାଯାଇ ବଣ୍ଟନ କରାଯିବ ।

୩. ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ଟି –ସାର୍ଟ ବ୍ରାଣ୍ଡିଂ ସହିତ ଏବଂ ଗୋଟିଏ ଲେଖାଏଁ ଟ୍ରାକ ପ୍ୟାଣ୍ଟ ବଣ୍ଟନ କରାଯିବ । (**ପରିଶିଷ୍ଟ '୧'** ରେ ସଂଲଗ୍ନ କରାଯାଇଛି) ।

୪. ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ଟୋପି ଲୋଗୋ ସହିତ ବଣ୍ଟନ କରାଯିବ । (ପରିଶିଷ୍ଟ '୨' ରେ ସଂଲଗ୍ନ କରାଯାଇଛି ) ।

୫. ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ଲେଖାଏଁ ପରିଚୟ ପତ୍ର ବଣ୍ଟନ କରାଯିବ । ( **ପରିଶିଷ୍ଟ** '୩' ରେ ସଂଲଗ୍ନ କରାଯାଇଛି ) ।

୬. ଲୋଗୋ (**ପରିଶିଷ୍ଟ** '୪' ରେ ସଂଲଗ୍ନ କରାଯାଇଛି )

୭. ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍ତର ଅର୍ଥାତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ଉପରଲିଖିତ ଉପକରଣ ବଣ୍ଟନ ବାବଦରେ ଉଦ୍ଦିଷ୍ଟ ଅର୍ଥ ସେହି ସବୁ ବିଦ୍ୟାଳୟକୁ ପ୍ରଦାନ କରାଯିବ ଓ ବିଦ୍ୟାଳୟ ମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉପକରଣ ବିତରଣ କରିବେ । ଉପକରଣ ଗୁଡିକ ଛାତ୍ରଛାତ୍ରୀ ମାନଙ୍କର ମାପ ହିସାବରେ ଦିଆଯିବ ।

୮. ଜୋତାର ରଙ୍ଗ ତଥା ଉପକରଣ ଗୁଡ଼ିକର ଗୁଣବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯିବ ।

୯. ଜୋତା ଆଦି ବଣ୍ଟନ ସମୟରେ ସଠିକ ଭାବେ ସମସ୍ତ ଛାତ୍ରଛାତ୍ରୀମାନଙ୍କ ନାମ ଶ୍ରେଣୀଖାତା ଖାତାରେ ଲିପିବଦ୍ଧ କରାଯାଇ ସେମାନଙ୍କର ଦସ୍ତଖତ ନିଆଯିବ ।

୧୦. ଜୋତା ଆଦି ବଣ୍ଟନ ପ୍ରକ୍ରିୟା ଜୁଲାଇ **୧୫** ତାରିଖ **୨୦୨୫** ସୁଦ୍ଧା ସୁନିଶ୍ଚିତ କରାଯିବ ।

୧୧. ଜୋତା ତଥା ଅନ୍ୟାନ୍ୟ ଉପକରଣ ବଣ୍ଟନ ସମ୍ପର୍କିତ ବିନିଯୋଗ ପତ୍ର (Utilization Certificate) ବିଦ୍ୟାଳୟମାନଙ୍କରୁ ସଂଗ୍ରହ କରି ୩୧.୦୭ .୨୦୨୫ ସୁଦ୍ଧା ପ୍ରତ୍ୟକ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ରାଜ୍ୟ ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା (ଓସେପା) କୁ ପ୍ରେରଣ କରିବେ ।

୧୨. ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତି (ଶିକ୍ଷାବିତ୍ / ବିଶିଷ୍ଟ ବ୍ୟକ୍ତି / ସମାଜସେବୀ ) ଙ୍କ ଉପସ୍ଥିତିରେ ଜୋତା ଆଦି ଉପକରଣ ବଣ୍ଟନ କରାଯିବ ଏବଂ ଏ ସମ୍ପର୍କିତ ଫଟୋ ଉତ୍ତୋଳନ କରାଯାଇ ସଂପୂର୍ଣ୍ଣ ବିବରଣୀ ରଖାଯିବ ।

୧୩. ଜୋତା ଆଦି କିଣିବା ପ୍ରକ୍ରିୟା

କ. (୨୫୦୦୦ **ଟଙ୍କା** ବା ତା ଠୁ କମ୍ ମୂଲ୍ୟର ଜୋତା ଆଦି ଉପକରଣ ପାଇଁ ଅର୍ଥରାଶି ଜମା ହୋଇଥିବା ବିଦ୍ୟାଳୟ କ୍ଷେତ୍ରରେ )

- ବିଦ୍ୟାଳୟ ପରିଚାଳନା କମିଟିର ଆକାଉଣ୍ଟକୁ ଜୋତା ଆଦି ଉପକରଣ ବାବଦକୁ ଅର୍ଥ ଯୋଗାଇ ଦିଆଯିବ । **ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ଜୋତା ଆଦି ବଣ୍ଟନ କାର୍ଯ୍ୟ ୨୦୨୫ -୨୬ ବର୍ଷ ପାଇଁ ବିଦ୍ୟାଳୟ ପରିଚାଳନା କମିଟି (SMC) ମାଧ୍ୟମରେ କରାଯିବ ।**
- **ବିଦ୍ୟାଳୟ ପରିଚାଳନା କମିଟି (SMC) କ୍ଷେତ୍ରରେ** ଉପର ବର୍ଣ୍ଣିତ ବିଦ୍ୟାଳୟର ସ୍କୁଲ ପରିଚାଳନା କମିଟିର ସଦସ୍ୟଗଣ ସ୍ଥାନୀୟ ବଜାରକୁ ଯାଇ ନିର୍ଦ୍ଧାରିତ ମୂଲ୍ୟରେ ସଠିକ ଗୁଣବତ୍ତା ବିଶିଷ୍ଟ ଜୋତା ଆଦି ବିକ୍ରୟ କରୁଥିବା ଏବଂ ଦ୍ରବ୍ୟ ଓ ସେବାକର ପଞ୍ଜିକୃତ (GST Registered) ଦୋକାନୀ / ବିତରକଙ୍କ ସନ୍ଧାନ କରିବେ । ସ୍କୁଲ ପରିଚାଳନା କମିଟି ଅଧିବେଶନରେ ପ୍ରୋକ୍ତ ଦୋକାନୀ / ବିତରକଙ୍କ ନାମ ପ୍ରସ୍ତାବ ଦେବେ । ସଦସ୍ୟଙ୍କ ଅନୁମୋଦନ କ୍ରମେ ସଠିକ ମୂଲ୍ୟରେ ଉପଯୁକ୍ତ ଗୁଣବତ୍ତା ବିଶିଷ୍ଟ ଜୋତା ଆଦି ବିକ୍ରୟ କରୁଥିବା ଦୋକାନୀ / ବିତରକଙ୍କ ସହ ଚୁକ୍ତି କରି ଆଦେଶ ଦିଆଯିବ ଓ ଜୋତା ଆଦି ଉପକରଣ କ୍ରୟ କରି ବଣ୍ଟନ କରାଯିବ ।